**ତୈଳ ବିଶୋଧନାଗାର ଆଗରେ ଠିକାଦାରଙ୍କ ଧାରଣା**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ପାର୍କିଂ ପାଖରେ ମଙ୍ଗଳବାର ୧୧ ଜଣ ଠିକାଦାର ବକେୟା ଅର୍ଥ ପାଇବା ଦାବିରେ ଧାରଣା ଦେଇଥିଲେ। ଉକ୍ତ ଠିକାଦାରମାନେ ଏକ ବିଦେଶୀ କମ୍ପାନୀ ସିକେସିଇ(ଚାଇନା କୁଲମ କଣ୍ଟ୍ରାକିଂ ଇଞ୍ଜିନିୟରିଂ) ନାମକ ଠିକାସଂସ୍ଥା ଜରିଆରେ କାମ କରୁଥିଲେ। ଉକ୍ତ କମ୍ପାନୀ ଏବେ କାମ ଶେଷ କରି ପଳାଇ ଯାଇଥିବା ବେଳେ ଇଣ୍ଡିଆନ ଅଏଲ ତୈଳବିଶୋଧନାଗାର ମୁଖ୍ୟସଂସ୍ଥା ହୋଇଥିବାରୁ ଏଠାରୁ ବକେୟା ଅର୍ଥ ପାଇବାକୁ ସେମାନେ ଦାବି କରିଛନ୍ତି।

# ଶସ୍ତାରୁ ହୀନସ୍ତା ହେଲେଣି ଟମାଟୋ ଚାଷୀ

**କେନ୍ଦ୍ରାପଡ଼ା ଅଫିସ, ୮।୩**

- କ୍ଷେତରୁ ବେପାରୀ ଆଣୁଛନ୍ତି ୩, ବିକୁଛନ୍ତି ୬ ଟଙ୍କା
- ସଂରକ୍ଷଣ ପାଇଁ ନାହିଁ ଶୀତଳ ଭଣ୍ଡାର
- କ୍ଷୁଦ୍ର ଶିଳ୍ପ ପାଇଁ ମିଳୁନି ସହଯୋଗ

କେନ୍ଦ୍ରାପଡ଼ା ଜିଲାରେ ଦୁଇ ମାସ ପୂର୍ବେ ଟମାଟୋ ଦର ଆକାଶଛୁଆଁ ଥିଲା। ବଜାରରେ କେଜି ପ୍ରତି ୫୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିଲା। ଏବେ କେଜି ପ୍ରତି ମାତ୍ର ୩ ଟଙ୍କାରେ ଚାଷୀ କ୍ଷେତରେ ବେପାରୀଙ୍କୁ ବିକୁଛନ୍ତି। ହାଟକୁ ଆଣି ଗଦା କଲେ ମଧ୍ୟ ବିକ୍ରି ହେଉନି। ଏପରି କି ହାଟ ଶେଷ ବେଳକୁ ଟମାଟୋ ବିକ୍ରି ନ ହେବାରୁ ଛାଡି ଚାଲି ଯାଉଥିବା ଦେଖାଯାଇଛି। ଅପରପକ୍ଷରେ ଜିଲାରେ ସଂରକ୍ଷଣ ବ୍ୟବସ୍ଥା ଓ ସରକାରୀ ମଣ୍ଡି ନ ଥିବାରୁ ଟମାଟୋ ଦର ଶସ୍ତା ହେବାରୁ ହୀନସ୍ତା ହେଉଥିବା ସ୍ଥାନୀୟ ଚାଷୀ ମତ ଦେଇଛନ୍ତି। ସେହିପରି ଟମାଟୋ ସସ୍ ପରି କ୍ଷୁଦ୍ର ଶିଳ୍ପ ପାଇଁ ଆଶାୟୀ ଯୁବ ଶିଳ୍ପୋଦ୍ୟୋଗୀ ଋଣ ପାଇବାକୁ ସକ୍ଷମ ହେଉ ନ ଥିବା ମତ ମିଳିଛି। ଡେରାବିଶ ବ୍ଲକ ନହଙ୍ଗ ଗାଁର ଟମାଟୋ ଚାଷୀ ରତିକାନ୍ତ ସାହୁ କହିଛନ୍ତି, ଚଳିତବର୍ଷ ଟମାଟୋ ଚାଷ ଫସଲ ମଧ୍ୟ ଭଲ ହୋଇଛି। ତେବେ ବିକ୍ରିକୁ ନେଇ ସମସ୍ତ ଚାଷୀ ଅଡୁଆରେ ପଡିଛନ୍ତି। ବଜାରରେ କେଜି ପ୍ରତି ୬ ଟଙ୍କା ବିକ୍ରି ହେଉଥିବା ବେଳେ ବେପାରୀ କୁଇଣ୍ଟାଲ ପ୍ରତି ମାତ୍ର ୩୦୦ ଟଙ୍କା ଦେଉଛନ୍ତି। ଅଧିକ ପରିମାଣର ଅମଳକୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ବିକ୍ରି ପାଇଁ ବାଧ୍ୟ ହେଉଛୁ। ଚଳିତ ଥର ଚାଷରୁ ପ୍ରାୟ ୧୦ ହଜାର ଟଙ୍କା କ୍ଷତି ହେବ ବୋଲି ସେ ଆକଳନ କରିଛନ୍ତି। ପଟ୍ଟାମୁଣ୍ଡାଇର ବୀରେନ କୁମାର ଦାସ କହିଛନ୍ତି, କରୋନା ସଂକ୍ରମଣ ପାଇଁ ଜିଲାକୁ ବହୁ ପ୍ରବାସୀ ଆସିଥିଲେ। ତତ୍କାଳୀନ ସମୟରେ ଟମାଟୋର ଚାହିଦା ବଢୁଥିବାରୁ ଜିଲାରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ପ୍ରବାସୀ ଓ ସ୍ଥାନୀୟ


ଗୋପ ହାଟରେ ଟମାଟୋ ବିକ୍ରି ହୋଇ ନ ପାରି ଗଦା ହୋଇଛି।

ଚାଷୀ ଟମାଟୋ ଚାଷ କରିଥିଲେ। ଏତେ ପରିମାଣରେ ଫସଲ ଉତ୍ପାଦନ ପରେ ଜିଲାରେ ଶୀତଭଣ୍ଡାର ନ ଥିବାରୁ ସଂରକ୍ଷିତ ରଖାଯାଇ ପାରୁନାହିଁ। ସେହିପରି ସରକାରୀ ମଣ୍ଡି ନ ଥିବାରୁ ଟମାଟୋର ଦର ବହୁତ କମ ହେଉଛି। ଏହାର ନିରାକରଣ ହୋଇପାରିଲେ ରାଜ୍ୟ ସରକାରଙ୍କ ଆଳୁ ମିଶନ ସଫଳ ହୋଇପାରିବ। ଯୁବ ଶିଳ୍ପୋଦ୍ୟୋଗୀ ରତନଲାଲ ସାମଲ କହିଛନ୍ତି, ଜିଲାରେ ଟମାଟୋ ଓ ଆଳୁ ଉତ୍ପାଦନ ସମୟରେ ଅଭାବୀ ବିକ୍ରି ହେଉଛି। ଏହାକୁ ଲକ୍ଷ୍ୟ କରି ଟମାଟୋ ସସ୍ ଓ ଆଳୁ ଚିପ୍‌ସର କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ଗତ ଦୁଇବର୍ଷ ହେବ ବିଭିନ୍ନ ବ୍ୟାଙ୍କ ଓ ଜିଲା ଶିଳ୍ପକେନ୍ଦ୍ର ସହ ଯୋଗାଯୋଗ ରଖାଯାଇଛି। ଜିଲା ଶିଳ୍ପ କେନ୍ଦ୍ର ଓ ବ୍ୟାଙ୍କ ସମୂହର ସମନ୍ୱୟ ନ ଥିବାରୁ ଏହି କ୍ଷୁଦ୍ରଶିଳ୍ପ ଅଦ୍ୟାବଧି ପ୍ରତିଷ୍ଠା ହୋଇପାରି ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ତେବେ ଏଥିପାଇଁ ସରକାରୀ ସହଯୋଗ ମିଳୁନାହିଁ। ଅର୍ଥକରୀ ଫସଲଠାରୁ ଆରମ୍ଭ କରି ପାରମ୍ପରିକ ଧାନ ଚାଷରେ ବହୁ ପରିବର୍ତ୍ତନ ଆସିଲାଣି। ଉନ୍ନତମାନର ମଞ୍ଜି ସହ ତାଲିମର ବ୍ୟବସ୍ଥା ନାହିଁ। ଚାଷୀ ଏବେ ସରକାରୀ ସହଯୋଗ ବିନା ପାରମ୍ପରିକ ଭାବେ ଚାଷ କରିଛନ୍ତି। ଉତ୍ପାଦିତ ଫସଲ ବାହାର ରାଜ୍ୟକୁ ଯାଇପାରୁନାହିଁ। ଶୀତଳ ଭଣ୍ଡାରର ନିର୍ମାଣ, ଫୁଡ୍ ପ୍ରୋସେସିଂ ୟୁନିଟ୍ ସ୍ଥାପନ ଓ ସରକାରୀ ମଣ୍ଡି ସହାୟତାରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଗ୍ରାମୀଣ ଶୀତଳଭଣ୍ଡାର ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ନିକଟରେ କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁରଠାରେ ଏକ ସୌର ଚାଳିତ ଶୀତଳଭଣ୍ଡାର ଉଦ୍‌ଘାଟନ ହୋଇଛି। ଚାଷୀ ନିଜ ଘରେ ଶୀତଳଭଣ୍ଡାର ନିର୍ମାଣ କଲେ ୫୦ ପ୍ରତିଶତ ରିହାତି ଅନୁଦାନ ମିଳିଯାଉଛି।

## ସଂକ୍ଷେପରେ

### ଟ୍ରକ୍-ମିନିଟ୍ରକ୍ ଧକ୍କା, ଜଣେ ମୃତ, ୨ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ,୮।୩:** କେନ୍ଦ୍ରାପଡ଼ା ସହର ନିକଟ ୫ ନଂ.(କ) ଜାତୀୟ ରାଜପଥର ଶାମସୁନ୍ଦରପୁର ଗଡାଠାରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଟ୍ରକ୍ (ଓଡି ୦୫ ଏଡି ୧୦୫୫) ଓ ମିନିଟ୍ରକ (ଓଡି ୦୫ ବି ୫୬୦୨) ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ମିନିଟ୍ରକ ଡ୍ରାଇଭର ମାର୍ଶାଘାଇ ଥାନା ଦରବଚ୍ଛା ଗାଁର ମୁନା ଦାସଙ୍କର ମୃତ୍ୟୁ ହୋଇଛି। ଟ୍ରକ ଡ୍ରାଇଭର ଓ ମିନି ଟ୍ରକର ସହାୟକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଛି। ଜାତୀୟ ରାଜପଥର ଏକ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲୁଛି। ଏଥିପାଇଁ ଏହି ସ୍ଥାନରେ ଗୋଟିଏ ରାସ୍ତାରେ ଗାଡିମୋଟର ଯାତାୟାତ କରୁଛି। ପାରାଦୀପ ଆଡୁ ଆସୁଥିବା ଟ୍ରକ୍‌ର ଚକା ଫାଟି ଯିବାରୁ ଏପରି ଦୁର୍ଘଟଣା ହୋଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ସଦର ପୋଲିସ ଓ କେନ୍ଦ୍ରାପଡା ଅଗ୍ନିଶମ ବାହିନୀ ଉପସ୍ଥିତ ରହି ଗୁରୁତରଙ୍କୁ ଉଦ୍ଧାର କରିଥିଲେ।

### ଧାନ ବିକ୍ରି ହେଲାନି, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

**ଯାଜପୁର ଟାଉନ,୮।୩(ଡି.ଏନ୍.ଏ.):** ମଣ୍ଡିରେ ଧାନ ବିକ୍ରି ହୋଇ ପାରିଲା ନାହିଁ। ଶେଷରେ ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି। ସୁକିନ୍ଦା ବ୍ଲକ ଅଧୀନ ସୁକିନ୍ଦା ସମବାୟ ସମିତିରେ ବହୁ କ୍ଷୁଦ୍ରଚାଷୀ ଧାନ ଦେଇ ନ ପାରି ନାହାନ୍ତି। ପ୍ରତିବର୍ଷ ଚାଷୀମାନେ ମଣ୍ଡିରେ ଧାନ ପୈଠ କରିଆସୁଥିଲେ। କିନ୍ତୁ ଚଳିତବର୍ଷ ଚାଷୀମାନେ ଧାନମଣ୍ଡିକୁ ଦୌଡ଼ି ହତାଶ ହୋଇଛନ୍ତି। ସମବାୟ ସମିତି ପକ୍ଷରୁ ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ବି ଧାନ ନ ଉଠିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ ଚାଷୀମାନେ ଜିଲାପାଳଙ୍କୁ ଭେଟି ସେମାନଙ୍କ ଧାନ ଉଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରମୋଦ ସାହୁ, କାଳିନ୍ଦୀଚନ୍ଦ୍ର ସାହୁ, ସନ୍ତୋଷ ମୁଦୁଲି, ହଳଧର ସାହୁ, ଅର୍ଜୁନ ଚରଣ ନାୟକ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

### ପୋଲିସ ଗାଡ଼ି ଭଙ୍ଗାରୁଜା ଘଟଣା, ୬ କୋର୍ଟ ଚାଲାଣ

**କଳିଙ୍ଗନଗର,୮।୩(ଡି.ଏନ.ଏ.):** ଗତ ୨୨ ତାରିଖ ପଞ୍ଚାୟତ ଭୋଟ ଗ୍ରହଣ ଦିନ ଦାନଗଦି ବ୍ଲକ ନଛିପୁରା ପଞ୍ଚାୟତରେ ଘଟିଥିବା ନିର୍ବାଚନୀ ହିଂସା ଓ ପୋଲିସ ଗାଡ଼ି ଭଙ୍ଗାରୁଜା ଘଟଣାରେ ଟମକା ଥାନାରେ ଏକ ମାମଲା(ନଂ. ୨୪/୨୨) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନଛିପୁରା ଗ୍ରାମର ଦ୍ରୌପଦୀ ପ୍ରଧାନ(୨୫), ମୀନକେତନ ପ୍ରଧାନ (୫୮), ମିନତି ପ୍ରଧାନ(୫୦), ରଘୁ ନାୟକ(୨୮), ଚନ୍ଦ୍ରମଣି ନାୟକ(୨୩) ଏବଂ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ମନୋହରପୁର ଗ୍ରାମର ଛୁଟି ପ୍ରଧାନ (୩୨)।

### କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ, ଜଣେ ଅଟକ

**ଚଣ୍ଡିଖୋଲ,୮।୩(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣଦାସପୁର-ରତ୍ନଗିରି ରାସ୍ତାର ଚଣ୍ଡିଆ ଛକ ନିକଟରେ ଜୈନିକ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୦୪/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟକୁ ସାଇକେଲରେ ଯାଉଥିବା ଛାତ୍ରୀମାନଙ୍କୁ ୨ ଯୁବକ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଛାତ୍ରୀଙ୍କ ପରିବାର ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

### ପଣ୍ଡିତ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ରାଜନଗର,୮।୩(ଡି.ଏନ.ଏ.):** ରାଜନଗର ଅଞ୍ଚଳର ଶିକ୍ଷାବିତ୍ ଦିବଂଗତ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରାଜନଗର ବଡଦାଣ୍ଡସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ଜେନା, ଡ. ଗିରିଶ ଚନ୍ଦ୍ର ପାତ୍ର, ଡ. ବିକ୍ରମାଦିତ୍ୟ ଦାଶ, ଅବସରପ୍ରାପ୍ତ ବିଇଓ ଅନିଲ ବଳ, ବିଜୟ ଜେନା, ଶିକ୍ଷାବିତ୍ ବ୍ରଜ ସୁନ୍ଦର ଦାଶ, ଅଧାପକ ରତ୍ନାକର ନାୟକ, ପଣ୍ଡିତ ବନମାଳୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଗାଳ୍ପିକ ପ୍ରଦୀପ ନାୟକ ସଂଯୋଜନା କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମରଣିକା 'ମୃତ୍ୟୁଞ୍ଜୟୀ' ଉନ୍ମୋଚିତ ହୋଇଥିଲା।

## ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି ମନା

**ଡାକବାଜି ଯନ୍ତ୍ର ଯୋଗେ ଚିଙ୍ଗୁଡ଼ି ଚାଷୀଙ୍କୁ ବନ ବିଭାଗର ସୂଚନା**

**ରାଜନଗର, ୮।୩ (ଡି.ଏନ.ଏ.)**

ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ସରକାରୀ ବା ବ୍ୟକ୍ତିଗତ ଜମିରେ ଚିଙ୍ଗୁଡି ଘେରି ନ କରିବାକୁ ବନ ବିଭାଗ ପକ୍ଷରୁ କନିକା ରେଞ୍ଜ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ଦୁଇଦିନ ହେଲା ଲୋକଙ୍କୁ ସଚେତନ କରାଯାଉଛି। ବିନା ଲାଇସେନ୍ସରେ ଚିଙ୍ଗୁଡି ଘେରି ନ କରିବାକୁ ଘେରି ମାଲିକମାନଙ୍କୁ ତାଗିଦ କରାଯାଇଛି। ଡାକବାଜି ଯନ୍ତ୍ର ଯୋଗେ ସମସ୍ତ ଜନସାଧାରଣ ଓ ଚିଙ୍ଗୁଡି ଘେରି ମାଲିକଙ୍କୁ ଲୁଣା ଜଙ୍ଗଲ ବନଖଣ୍ଡ ରାଜନଗର ପକ୍ଷରୁ ସୂଚାଇ ଦିଆଯାଉଛି ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭିତରକନିକା ଅଭୟାରଣ୍ୟ ଅନ୍ତର୍ଗତ ସରକାରୀ ଓ ବ୍ୟକ୍ତିଗତ ଜମିରେ କୌଣସି ଚିଙ୍ଗୁଡି ଘେରି କରି ପାରିବେ ନାହିଁ। ଯଦି କେହି ଆଦେଶକୁ ଅମାନ୍ୟ କରି ଅଭୟାରଣ୍ୟ ମଧ୍ୟରେ ଚିଙ୍ଗୁଡି ଘେରି କରନ୍ତି, ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଉଛି। ସୂଚନାଯୋଗ୍ୟ, କନିକା ରେଞ୍ଜ ଅଞ୍ଚଳ ରାଜନଗର ବ୍ଲକ ହଂସିଣା ସେତୁ ନିକଟରୁ ଆରମ୍ଭ ହେଉଛି। ହଂସିଣା ସେତୁରୁ ପ୍ରଭାତୀ, ଗୁମୁରା ଯାଏ ଚିଙ୍ଗୁଡି ଘେରି କରିବା ବେଆଇନ। ଏହି ସମସ୍ତ ଅଞ୍ଚଳ ଭିତରକନିକା ଅଭୟାରଣ୍ୟ ମଧ୍ୟରେ ଯାଉଥିବାରୁ ଏଠାରେ ବେଆଇନ ଚିଙ୍ଗୁଡି ଘେରି ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଲିକମାନେ ଏହି ସମୟରେ ଚିଙ୍ଗୁଡି ଘେରି ପ୍ରସ୍ତୁତ କରିଥାନ୍ତି। ଏହାପରେ ଘେରିରେ ପାଣି ପୂରାଇ ଚିଙ୍ଗୁଡି ଚାଷ କରିଥାନ୍ତି। ଚିଙ୍ଗୁଡି ଘେରି ମାଲିକମାନେ ଚାଷ କରିବା ପାଇଁ ଅର୍ଥ ବ୍ୟୟ କରିବା ପୂର୍ବରୁ ଅଭୟାରଣ୍ୟ ଅଞ୍ଚଳରେ ଘେରି ନ କରିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନ କରାଯାଇଛି। କେବଳ କନିକା ରେଞ୍ଜ ନୁହେଁ, ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ କୌଣସି ସ୍ଥାନରେ ବେଆଇନ ଚିଙ୍ଗୁଡି ଘେରି ନ କରିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

**ଆଳି,୮।୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ମଙ୍ଗଳବାର କାୟାକଳ୍ପର ୩ ଜଣିଆ ଟିମ୍ ଆସିଥିଲେ। ଡାକ୍ତର ଜ୍ୟୋତିର୍ମୟୀ ରାଉତଙ୍କ ନେତୃତ୍ୱରେ ୩ ଜଣିଆ ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ ଓ ବିଡିଏମ୍ ସିଲି ପ୍ରିୟମ୍ବଦା ସାହୁ ଟିମଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ସହଯୋଗ କରିଥିଲେ। ଟିମ୍‌ର ଡା. ରାଉତ, ସୌମ୍ୟଶ୍ରୀ ମହାପାତ୍ର ଓ ରଶ୍ମି କେ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ୱାର୍ଡ ବୁଲି ଦେଖିବା ପରେ ନିରାମୟ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଆଉଟଡୋର, ଚକ୍ଷୁ ବିଭାଗ, ମେଡିକାଲ ୱାର୍ଡ, ଆବର୍ଜନା ପ୍ରକ୍ରିୟାକରଣ ସ୍ଥାନ, ଔଷଧୀୟ ବଗିଚା ବୁଲି ଦେଖିଥିଲେ। ଏହି ଟିମ ସ୍ୱାସ୍ଥ୍ୟକେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା, ଜୈବ ଆବର୍ଜନା ପରିଚାଳନ, ସ୍ୱାସ୍ଥ୍ୟକେନ୍ଦ୍ରର କାଗଜପତ୍ର ଯାଞ୍ଚ କରିବା ସହ ମେଡିକାଲରେ କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟଶୈଳୀ ମଧ୍ୟ ଯାଞ୍ଚ କରିଥିଲେ। ଏ ନେଇ ଟିମର ଡା. ରାଉତ କହିଛନ୍ତି, ସରକାରଙ୍କ ଏହି କାୟାକଳ୍ପ ଯୋଜନାରେ ମୁଖ୍ୟତଃ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଏ। ଆଳି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ପୂର୍ବରୁ ଯାହାଥିଲା କିଛି ମାତ୍ରାରେ ସୁଧୁରିଛି। ଆଗାମୀଦିନରେ ଏହାର ରୂପରେଖ ବଦଳାଇବାକୁ ଯାହା କିଛି ଆବଶ୍ୟକ ତାହା କରାଯିବ। ଅପରପକ୍ଷରେ ଯେଉଁ ମେଡିକାଲଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା ହଠାତ ମଙ୍ଗଳବାର ସକାଳୁ ପରିବର୍ତ୍ତନ ହେବା ଦେଖି ମେଡିକାଲ ଆସୁଥିବା ରୋଗୀମାନେ ଆଲୋଚନା କରିଥିଲେ। ଏହି ଟିମ୍ ଆସିବା ଖବର ପାଇ ସକାଳୁ ମେଡିକାଲର ସମସ୍ତ ଡାକ୍ତରଙ୍କଠାରୁ ଆରମ୍ଭ କରି ୪ର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଗେଟଠାରୁ ଆରମ୍ଭ କରି ପରିସରକୁ ସୁନ୍ଦର ଭାବେ ସଜା ଯାଇଥିଲା।

## ଇଫ୍‌କୋକୁ ଜାତୀୟ ସୁରକ୍ଷା ଆୱାର୍ଡ


ଇଫ୍‌କୋର ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ ଆୱାର୍ଡ ଗ୍ରହଣ କରୁଛନ୍ତି।

**ପାରାଦୀପ,୮।୩(ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ କାରଖାନାକୁ ମଙ୍ଗଳବାର ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଜାତୀୟ ସୁରକ୍ଷା ଆୱାର୍ଡ ୨୦୧୮ ମିଳିଛି। କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବିଭାଗର ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କଠାରୁ ଇଫ୍‌କୋର ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ ଏହି ଆୱାର୍ଡ ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବିଭାଗର ରାଜ୍ୟ ମନ୍ତ୍ରୀ ରାମେଶ୍ୱର ତେଲୀ ଉପସ୍ଥିତ ଥିଲେ। ଇଫ୍‌କୋ ଏକ ରସାୟନ ଯୁକ୍ତ କାରଖାନା ଥିବା ସତ୍ତ୍ୱେ ସୁରକ୍ଷା ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବାରୁ କାରଖାନା ଓ ବାଷ୍ପିତ ବିଭାଗ ଏକାଧିକବାର ସାର୍ଟିଫିକେଟ ଦେଇଛି। ଏହି ବିଭାଗର ସୁପାରିସ କ୍ରମେ ଉକ୍ତ ଆୱାର୍ଡ ମିଳିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ନାରୀ ଦେଶ, ରାଜ୍ୟ ପ୍ରଗତିର ମାନଦଣ୍ଡ

**ବିରଡ଼ି/ବାଲିଆ/କୁଜଙ୍ଗ/ ପାରାଦୀପ, ୮।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ବିରିଡି ବ୍ଲକ ପୁରଣ ପଞ୍ଚାୟତ ମିଶନ ଶକ୍ତି ମହାସଂଘ ପକ୍ଷରୁ ମଙ୍ଗଳବାର ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ବିଶ୍ୱମହିଳା ଦିବସ ପାଳିତ ହୋଇଯାଇଛି। ସଭାରେ ମହାସଂଘର ସଭାନେତ୍ରୀ ବୈଜୟନ୍ତୀ ବାଳା ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନବନିର୍ବାଚିତ ସରପଞ୍ଚ ଯୁଧିଷ୍ଠିର ବେହେରା ଯୋଗଦେଇ ନାରୀମାନେ ଦେଶ, ରାଜ୍ୟ ପ୍ରଗତିର ମାନଦଣ୍ଡ ବୋଲି କହିଥିଲେ। ସଂଘ ସମ୍ପାଦିକା ପ୍ରତିମା ଦାସ, ଏମ୍.ବି.କେ ଶ୍ରଦ୍ଧାଞ୍ଜଳି ଦାସ, ସସ୍ମିତା ଦାସ, ବିଜୟଲକ୍ଷ୍ମୀ ସେନାପତି, ଗିତାଞ୍ଜଳୀ ପ୍ରଧାନ ଓ କଳ୍ପନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ମଧୁବନସ୍ଥିତ ଅଫିସର୍ସ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଦୀପକ ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ


ପାରାଦୀପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଡି.ଏନ୍ ସୋଦ୍ଧି, ସଚିବ ପି.ଏନ ବେହେରା ପ୍ରମୁଖ ଉପସ୍ଥିତଥିଲେ। ଗଣପତି ଶିଶୁ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କୁ ଏହି ଅବସରରେ ଅଧ୍ୟକ୍ଷ ହାରାନ୍ଧ ସମ୍ମାନିତ କରିଥିଲେ। କୁଜଙ୍ଗ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଜୟ ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଏହି ଦିବସ ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ଇଂଲିଶ୍ ପ୍ରାଧ୍ୟାପକ ଡ. ନିରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ମୁଖ୍ୟବକ୍ତା ଭାବେ ଅଧାପକ ପ୍ରତାପ ମହାପାତ୍ର ଯୋଗଦେଇଥିଲେ। ସେହିପରି ମହିଳା ଦିବସ ଉପଲକ୍ଷେ କୁଜଙ୍ଗର ଅଗ୍ରଣୀ ମହିଳା ସଂଗଠନ ମୈତ୍ରୀ ନାରୀ ସଂଘ ପକ୍ଷରୁ କୁଜଙ୍ଗ ଆଥ୍‌ଲେଟିକ୍ କ୍ଲବରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଆଇନଜୀବୀ ମମତା ଅଧିକାରୀ ଅଧ୍ୟକ୍ଷତା କରିଥିଲେ।

## ଅଭିଯୁକ୍ତଙ୍କ ଦୋକାନ ଆଗରେ ମହିଳାଙ୍କ ଧାରଣା

**ରଘୁନାଥପୁର,୮।୩(ଡି.ଏନ୍.ଏ)**

**ଜମିବାଡ଼ିକୁ କେନ୍ଦ୍ର କରି ଆକ୍ରମଣ, ପାଚେରି ଭଙ୍ଗାରୁଜା ଅଭିଯୋଗ**

ରଘୁନାଥପୁର ଥାନା ଚିକିଣିଆ ଜୋରକୁଳ ଗ୍ରାମରେ ସୋମବାର ଅପରାହ୍ନରେ ଜମିବାଡ଼ିକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ମାଡ଼ ଦିଆଯିବା ସହ ଜେସିବି ସାହାଯ୍ୟରେ ଘର ପାଚେରି ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ମଙ୍ଗଳବାର ଅଭିଯୁକ୍ତଙ୍କ ତାରପୁର ବାଇପାସସ୍ଥିତ ଦୋକାନ ସମ୍ମୁଖରେ ମହିଳାମାନେ ବସି ରହିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଜୋରକୁଳ ଗ୍ରାମର ମିନା ସାହୁଙ୍କ ଘରେ ସୋମବାର କେହି ନ ଥିବା ବେଳେ ସୁବ୍ରତ କୁମାର ସାହୁ ତାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏନେଇ ମିନା ଥାନାରେ ଏତଲା ଦେଇଥିଲେ। ମାତ୍ର ପୋଲିସ ଘଟଣାକୁ ହାଲ୍‌କାଭାବେ ନେବାରୁ ଅଭିଯୁକ୍ତଙ୍କ ଦୋକାନ ଆଗରେ ମହିଳାମାନେ ଧାରଣା ଦେଇଥିଲେ।

ଖବରପାଇ ରଘୁନାଥପୁର ଥାନା ଏସଆଇ ଅନିଲ କୁମାର ସାହୁ, ଗୟାସ ଅହମ୍ମଦ ଓ ସୌଦାମିନୀ ପଣ୍ଡା ପହଞ୍ଚି ଅଭିଯୁକ୍ତ ସୁବ୍ରତଙ୍କ ସମେତ ସମ୍ପୃକ୍ତି ଅଭିଯୋଗରେ ସାନଭାଇ ସନ୍ତୋଷ ଏବଂ ବାପା କୈଳାସଙ୍କୁ ଗିରଫ କରିଛି। ଏନେଇ ମାମଲା (ନଂ.୩୬/୨୨)ରୁଜୁ କରାଯାଇଛି।

## ସମିତି ସଭ୍ୟ ପଦରୁ ଇସ୍ତଫା ଦେଲେ ପ୍ରଭାତ

**ଧର୍ମଶାଳା,୮।୩(ଡି.ଏନ.ଏ.)**

ଧର୍ମଶାଳ ବ୍ଲକ ଚକ୍ରଧରପୁର ପଞ୍ଚାୟତର ସମିତି ସଭ୍ୟ ପ୍ରଭାତ କୁମାର ବଳବନ୍ତରାୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସୂଚନା ଅନୁଯାୟୀ,ଗତ ପଞ୍ଚାୟତ ନିର୍ବାଚନରେ ପ୍ରଭାତ ଚକ୍ରଧରପୁର ଓ କୁମାରୀ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ଲଢ଼ି ବିଜୟୀ ହୋଇଥିଲେ। ସେ ୨ଟି ସ୍ଥାନରୁ ବିଜୟୀ ହୋଇଥିବାରୁ ଗୋଟିଏ ସ୍ଥାନରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଛି। ସେ ନିଜ ଇସ୍ତଫା ପତ୍ର ଜିଲାପାଳଙ୍କୁ ଦେଇ ବିଡିଓଙ୍କୁ ଅବଗତ କରାଇଛନ୍ତି। ଏ ସଂକ୍ରାନ୍ତରେ ପ୍ରଭାତ କହିଛନ୍ତି, ମୁଁ ଅଧିକ ଭୋଟ ବ୍ୟବଧାନରେ କୁମାରୀ ପଞ୍ଚାୟତରୁ ବିଜୟୀ ହୋଇଥିବାରୁ ଚକ୍ରଧରପୁର ସମିତି ସଭ୍ୟ ପଦରୁ ଇସ୍ତଫା ଦେଇଛି।

## ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି

**ବାଲିକୁଦା,୮।୩(ସ୍ୱ.ପ୍ର.)**

**ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନଶନ**

ବାଲିକୁଦା ବ୍ଲକ ଦଶବାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ରାହ୍ମଣଡିହି ଓ ଓଷକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତମାନର ରୋଗୀ ସେବା ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଭଏସ୍ ଅଫ୍ ବାଲିକୁଦା ନାମକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦଶବାଟିଆ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନଶନ କରାଯାଇଥିଲା। ଏହି ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସ ପ୍ରଦାନ, ଅବଶ୍ୟକ କର୍ମଚାରୀ ଓ ଡାକ୍ତରୀ ପଦ ପୁରଣ, ଭିତ୍ତିଭୂମିର ବିକାଶ, ୨୪ ଘଣ୍ଟିଆ ରୋଗୀ ସେବା ଯୋଗାଇ ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। । ଖବରପାଇ ଅପରାହ୍ନରେ ଜିଲା ଚିକିତ୍ସାଧିକାରୀ ଡା. କ୍ଷେତ୍ରବାସୀ ଦାଶ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ, ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ କିରାଣି ବିନୋଦ କୁମାର ରଥ, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ବନ ବିହାରୀ ମହାରଣା, ଡା. ପ୍ରଜ୍ୟୋତି ସ୍ୱାଇଁ, ଡା. ରଶ୍ମିପ୍ରକାଶ ମହାରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ସଂଗଠନର ସଭାପତି କିଶୋର ମହାନ୍ତି, ତିଖିଦ ନାୟକ, ଆଲୋକ ବେହେରା, ରୁଦ୍ରନାରାୟଣ ପ୍ରଧାନ, ରାଜେଶ ମହାରଣା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


ଦଶବାଟିଆ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିବା ଲୋକେ।

## ପ୍ରାର୍ଥୀ, ନେତାଙ୍କ ଚରିତ୍ରସଂହାର ମନା

**ଜଗତ୍‌ସିଂହପୁର ଅଫିସ, ୮।୩**

ପୌର ନିର୍ବାଚନ ନିମନ୍ତେ ଫେବୃୟାରୀ ୨୫ରୁ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ସମୟ ମଧ୍ୟରେ କୌଣସି ଧର୍ମାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ବୈଠକ, ମତ ପ୍ରଚାର କିମ୍ବା କର୍ମୀ ସମ୍ମିଳନୀ କରାଯାଇପାରିବ ନାହିଁ। ନିର୍ବାଚନୀ ସଭା ଓ ଶୋଭାଯାତ୍ରା ନିମନ୍ତେ ନିର୍ବାଚନ ଅଧିକାରୀଙ୍କଠାରୁ ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ସ୍ଥାନୀୟ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ଏହି ସଭା ଓ ଶୋଭାଯାତ୍ରା ସମ୍ପର୍କରେ ଆଗରୁ ଅବଗତ କରାଯିବ। କୌଣସି ପ୍ରାର୍ଥୀ ଓ ନେତାଙ୍କ ଚରିତ୍ର ସଂହାର କରିପାରିବେ ନାହିଁ। କେବଳ ଏତିକି ନୁହେଁ ସରକାରୀ କାର୍ଯ୍ୟାଳୟ ଓ ବ୍ୟକ୍ତି ବିଶେଷଙ୍କ ଘର ସମ୍ମୁଖରେ ପିକେଟିଂ କରିହେବ ନାହିଁ। ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାରେ ପୌର ନିର୍ବାଚନ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହା କୁହାଯାଇଛି।


ବୈଠକରେ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ।

**ପୌର ନିର୍ବାଚନ ନିମନ୍ତେ ରାଜନୈତିକ ଦଳଗୁଡିକ ସହ ବୈଠକ**

ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ସର୍ବସାଧାରଣ ରାସ୍ତାରେ ପୋଷ୍ଟର, ବ୍ୟାନର, ପାମ୍ପଲେଟ୍, ହୋର୍ଡିଂ, ୱାଲ ରାଇଟିଂ ଆଦି ନିଷେଧ କରାଯାଇଛି। ନିର୍ବାଚନ ନିମନ୍ତେ ବ୍ୟବହୃତ ପୋଷ୍ଟର, ବ୍ୟାନର ଆଦି ଛପା ମୁଦ୍ରଣରେ ପ୍ରିଣ୍ଟର ଓ ପ୍ରକାଶକଙ୍କ ନାମ ଉଲ୍ଲେଖ ରହିବ। ମାର୍ଚ୍ଚ ୨୨ ଅପରାହ୍ନ ୫ଟାରୁ ୨୬ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ପୌରାଞ୍ଚଳରେ କୌଣସି ଦେଶୀ ଓ ବିଦେଶୀ ମଦ ବିକ୍ରି ଓ ବ୍ୟବହାର ଉପରେ ରାଜ୍ୟ ନିର୍ବାଚନ ଆୟୋଗ କଟକଣା ଜାରି କରିଛନ୍ତି। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀ ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ନିର୍ବାଚନ ଯେପରି ଅବାଧ ଓ ନିରପେକ୍ଷ ହେବ ସେନେଇ ରାଜନୈତିକ ଦଳର ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ସହଯୋଗ କାମନା କରିଥିଲେ। ଆଦର୍ଶ ଆଚରଣ ବିଧି ତଦାରଖ ନିମନ୍ତେ ନୋଡାଲ ଅଧିକାରୀ ଭାବେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲାପାଳ ପ୍ରକାଶ କରିଛନ୍ତି। ବୈଠକରେ ଜିଲାର ସାଧାରଣ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତିକରଣ ସ୍ୱତନ୍ତ୍ର ସଚିବ ମଧୁସୂଦନ ମିଶ୍ର ଉପସ୍ଥିତ ରହି ଶାନ୍ତି ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଲାଉଡ୍‌ସ୍ପିକର ବ୍ୟବହାର ନିମନ୍ତେ ଉପଜିଲାପାଳଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ରାତି ୮ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଲାଉଡ୍‌ସ୍ପିକର ବ୍ୟବହାର ମନା। ନିର୍ବାଚନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ଲାଉଡ୍‌ସ୍ପିକର ବ୍ୟବହାର ବନ୍ଦ ରହିବ। ବୈଠକରେ ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ନିର୍ବାଚନ ଅଧିକାରୀଦ୍ୱୟଙ୍କ ସମେତ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ଥିଲେ।

**ଗୋକୁଳାନନ୍ଦ ସ୍ପୋର୍ଟସ କ୍ରିକେଟ : ରତାପାଟ ବିଜୟୀ**

ଖଣ୍ଡପଡ଼ା,(ସ୍ୱ.ପ୍ର.): ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍ଇ ସ୍କୁଲ ଖେଳ ପଡିଆଠାରେ ଚାଲିଥିବା ଟି-୨୦ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ହୋଇଯାଇଛି। ଏଥିରେ ପିଏସ୍‌ସି ଟିମ୍ ରଙ୍ଗଡାବକୁ ୧୫ରନରେ ହରାଇ ଆରସିସି ରତାପାଟ ବିଜୟୀ ହୋଇଛି। ରତାପାଟ କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ ରଙ୍ଗଡାବ ଦଳ ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆଜିର ଖେଳକୁ ହେମାନ୍ତ ଦାସ ଓ ତପନ ବିଜୟ ମହାଲିକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୨ ଗୋରୁ ବ୍ୟବସାୟୀ ଜେଲ ଗଲେ

ନୟାଗଡ଼ ଅଫିସ,୮।୩: ନୟାଗଡ଼ ଟାଉନ ଥାନା ପୋଲିସ ଗୋରୁ ବୋଝେଇ ଡାଲା ଅଟୋ ଜବତ କରିଥିବାବେଳେ ୨ ଜଣ ଗୋରୁ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଜିଲା ମାଣିକଗୋଡା ଗାଁର ସେକ ମନସୁର(୩୨) ଓ ମାନସ ପାରମାଣିକ (୩୨)ଙ୍କୁ ନୟାଗଡ଼ ସବ୍‌ଜେଲକୁ ମଙ୍ଗଳବାର ପଠାଯାଇଛି। ଦଶପଲ୍ଲା ଅଞ୍ଚଳରୁ ଖୋର୍ଦ୍ଧା ଜିଲାକୁ ଡାଲା ଅଟୋ (ନଂ. ଓଡି ୨୫ ଏଫ ୩୭୩୭) ଯୋଗେ ୬ଟି ଗୋରୁ ଚାଲାଣ ହେଉଥିଲେ। ଖବରପାଇ ପୋଲିସ ସୋମବାର ନୂଆବସ୍‌ଷ୍ଟାଣ୍ଡଠାରେ ଚଢ଼ାଉ କରି ଗୋରୁ ବୋଝେଇ ଅଟୋକୁ ଜବତ କରିଥିଲା। ପୋଲିସ ନଂ.୨୩/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ମହିଳା ମହାବିଦ୍ୟାଳୟରେ କ୍ୟାରିୟର ମେଳା

ଖଣ୍ଡପଡା,୮।୩ (ସ୍ୱ.ପ୍ର.): ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର କ୍ୟାରିୟର ମେଳା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ନୟାଗଡ଼ ଶାଖା ଓ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦ ଖଣ୍ଡପଡ଼ାର ମିଳିତ ସହଯୋଗରେ ଆୟୋଜିତ ମେଳାରେ ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସନିକ ଅଧିକାରୀ କୁଳମଣି ଷଡଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର କାଟିଆ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ମାନୀତ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ଜଗଦୀଶ ପ୍ରସାଦ ମହାପାତ୍ର, କୋଭିଡ କେୟାର କେନ୍ଦ୍ରର ମୁଖ୍ୟ ଡା. ପ୍ରଦୀପ କୁମାର ପାଇକରାୟ, ଅଭିଳାଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

### ସରକାରୀସ୍ତରରେ ପାଳନ ହେଲାନି ବିଶ୍ୱ ମହିଳା ଦିବସ

ଓଡ଼ଗାଁ,୮।୩(ସ୍ୱ.ପ୍ର.): ସାରା ବିଶ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ମଙ୍ଗଳବାର ପାଳନ ହେଉଥିବା ବେଳେ ସ୍ଥାନୀୟ ବ୍ଲକ ପ୍ରଶାସନ ତରଫରୁ ସେହିଭଳି କୌଣସି ଦିବସ ପାଳନ କରାଯାଇ ନାହିଁ। ଅନ୍ୟପକ୍ଷେ ନିକଟସ୍ଥ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ଆନୁକୁଲ୍ୟରେ ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଥିଲା। ଏଥିରେ ଫିଁଖାରୀ ପଂଚାୟତର ନବ ନିର୍ବାଚିତ ମହିଳା ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ବିରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ନିକଟସ୍ଥ କୁରାଳ ସଂସ୍କୃତ ମହାବିଦ୍ୟାଳୟ ଆନୁକୁଲ୍ୟରେ ନିରାଡମ୍ବରରେ ବିଶ୍ୱ ମହିଳା ଦିବସ ପାଳନ ହୋଇଯାଇଛି।

# ସମସ୍ୟାର ସମାଧାନ ହେଉ ନ ଥିବାରୁ କ୍ଷୋଭ

**ୱାର୍ଡ ମୁହାଁ ପ୍ରାର୍ଥୀ**

- ଶୁଭିଲା ମିଠା କଥା, ଲମ୍ବା ପ୍ରତିଶ୍ରୁତି
- ଜମିଲା ପ୍ରଚାର, ଆଗରେ ଶାସକ ଦଳ

ନୟାଗଡ ଅଫିସ, ୮।୩

ନୟାଗଡ ଜିଲାର ରଣପୁର, ନୟାଗଡ଼, ଖଣ୍ଡପଡ଼ା, ନୟାଗଡ ସହରାଞ୍ଚଳର ୱାର୍ଡ ମୁହାଁ ହୋଇଛନ୍ତି ପ୍ରାର୍ଥୀ। ଭୋଟରଙ୍କୁ ଭେଟୁଛନ୍ତି। ମିଠାମିଠା କଥା କହୁଛନ୍ତି। ଭୋଟରଙ୍କ ଅଭିଯୋଗ ଶୁଣୁଛନ୍ତି। ଜିତିଲେ ସବୁ ସମସ୍ୟା ସମାଧାନ କରିଦେବେ ବୋଲି ଲମ୍ବା ପ୍ରତିଶ୍ରୁତି ଦେଉଛନ୍ତି। ସହରରେ ଅନେକ ସମସ୍ୟା ରହିଥିଲେ ହେଁ ସମାଧାନ ହେଉ ନ ଥିବାରୁ ଭୋଟର କ୍ଷୋଭ ପ୍ରକାଶ କରୁଥିବା ଲକ୍ଷ୍ୟ କରାଗଲାଣି। ଅନ୍ୟପକ୍ଷେ ସହରାଞ୍ଚଳର ଭୋଟର ପ୍ରାର୍ଥିପତ୍ର ଯାଞ୍ଚ ଓ ପ୍ରତ୍ୟାହାର ହୋଇନାହିଁ। ମାର୍ଚ୍ଚ ୯ରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୧୪ ତାରିଖରେ ନାମାଙ୍କନ ପ୍ରତ୍ୟାହାର ରହିଛି। ଏହାପୂର୍ବରୁ ୱାର୍ଡରେ ବୁଲି ପ୍ରଚାର କରିବାରେ ଶାସକ ଦଳ କାଉନସିଲର ଓ ଅଧକ୍ଷ ପ୍ରାର୍ଥୀ ବହୁ ଆଗରେ ରହିଛନ୍ତି। ଭାଜପା, କଂଗ୍ରେସ ପ୍ରାର୍ଥୀ ଯଦିଓ ପଛରେ ପଡିଛନ୍ତି ତେବେ ଯାଞ୍ଚ ଓ ପ୍ରତ୍ୟାହାର ପରେ ସେମାନେ ପ୍ରଚାରକୁ ତ୍ୱରାନ୍ୱିତ କରିବାର ରହିଛି। ଏବେଠାରୁ ସହରରେ



ନୟାଗଡ଼ ମ୍ୟୁନିସିପାଲିଟିର ୧୫ନଂ. ୱାର୍ଡର ଜଣେ ପ୍ରାର୍ଥୀ ନିର୍ବାଚନ ପ୍ରଚାର କରୁଛନ୍ତି।

ପ୍ରଚାର ଜମିବା ଆରମ୍ଭ ହୋଇଛି।

ନୟାଗଡ ମ୍ୟୁନିସିପାଲିଟିରେ ୧୬ଟି ୱାର୍ଡ ଓ ରଣପୁର ଏନ୍‌ଏସିରେ ୧୫ଟି ୱାର୍ଡ ରହିଛି। ସେହିଭଳି ଖଣ୍ଡପଡ଼ା ଏନ୍‌ଏସିରେ ୧୩ଟି ଓ ଦଶପଲ୍ଲା ଏନ୍‌ଏସିରେ ୧୬ଟି ୱାର୍ଡ ରହିଛି। ନୟାଗଡ଼ ମ୍ୟୁନିସିପାଲିଟି ପୂର୍ବରୁ ଏନ୍‌ଏସି ଥିଲା। ଏଠାରେ ପ୍ରଥମଥର ପାଇଁ ମ୍ୟୁନିସିପାଲିଟିର ଭୋଟ ହେବାକୁ ଯାଉଛି। ନୟାଗଡ଼ ବ୍ଲକର କିଛି ଗାଁ ଏଥିରେ ସାମିଲ ହୋଇଛି। ପ୍ରତି ୱାର୍ଡରେ ଅନେକ ସମସ୍ୟା ରହିଛି। ନୟାଗଡ଼ ସହରର ବିଭିନ୍ନ ୱାର୍ଡରେ ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟା ହେଉଛି। ସହରର ଡ୍ରେନଗୁଡିକ ଠିକ୍ ଭାବେ ସଫେଇ ହେଉ ନ ଥିବାର ଅଭିଯୋଗ ରହିଛି। ପରିମଳ ବ୍ୟବସ୍ଥା ଘରୋଇକରଣ ହୋଇଥିଲେ ମଧ ସଫେଇ ଠିକ୍ ହେଉ ନ ଥିବା ଅଭିଯୋଗ ହେଉଛି। ପାନୀୟଜଳ ଲୋକଙ୍କ ଶୋଷ ମେଣ୍ଟାଇ ପାରୁନି। ପୁଣି ବିଭିନ୍ନ ୱାର୍ଡରେ ରାସ୍ତା ସମସ୍ୟା ଲାଗି ରହିଛି। ସେହିପରି ଖଣ୍ଡପଡା ଏନ୍‌ଏସିରେ ପାନୀୟଜଳ ସମସ୍ୟା, ଡ୍ରେନ, ରାସ୍ତାଘାଟ, ବିଦ୍ୟୁତ୍ କାଟ, ଅନେକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିରହିଛି। ହେଲେ ଏହାର ପ୍ରତିକାର ନାହିଁ। ରଣପୁର ଏନ୍‌ଏସି ନୂଆ ହୋଇଥିଲେ ହେଁ ଏହାର ନବକଳେବର ହୋଇ ପାରୁନାହିଁ। ପାନୀୟଜଳ ସଙ୍କଟ ସବୁବେଳେ ଲାଗି ରହୁଛି। ଏହାର ସମାଧାନ ଆଦୌ କରାଯାଉନାହିଁ। ଅନୁଦାନ ଆସୁଛି। କାମ ଚାଲିଛି। ହେଲେ ଲୋକଙ୍କ କାମରେ ଲାଗୁନି। ଅଧିକାଂଶ ୱାର୍ଡର ରାସ୍ତା ପରିତ୍ୟକ୍ତ ହୋଇ ରହିଛି। ଏହାର ପୁନରୁଦ୍ଧାର ନାହିଁ। ପରିମଳ ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ସଫେଇ ନାଁରେ ହରିଲୁଟ ଚାଲିଥିବାର ଅଭିଯୋଗ ରହିଛି। ମାଛ ଓ ପରିବା ମାର୍କେଟ ସ୍ଥାନାନ୍ତର ହେଲାନାହିଁ। ସହର ମାନ୍ୟତା ମିଳିଛି ହେଲେ ଗାଁ ପରି ଚଳଣି ଚଳିବାକୁ ପଡୁଛି। ଦଶପଲ୍ଲା ଏନ୍‌ଏସିରେ ଗରୀବ ଲୋକଙ୍କୁ ଆବାସ ଯୋଜନାରେ ଘର ମିଳୁନି। ଅଧିକାଂଶ ୱାର୍ଡରେ ପାନୀୟଜଳ ବ୍ୟବସ୍ଥା ଯୋଗାଣ ନାହିଁ। ଯେଉଁଠି ପାଣି ଆସୁଛି ପାଣିରୁ ଜିଲା, ପୋକ ବାହାରୁଛି। ଏନ୍‌ଏସିକୁ ପଡିଥିବା ଖାଲଖମା ରହିଛି। ୱାର୍ଡ ସମସ୍ୟା ପଚାରେ କିଏ ବୋଲି ୪ ସହରାଞ୍ଚଳର ଅନେକ ଭୋଟର କ୍ଷୋଭର ସହ କହିଛନ୍ତି। ସେମାନଙ୍କ ମତରେ ନିର୍ବାଚନ ଆସୁଛି। ଭୋଟ ଶେଷ ହେଲେ ନେତା ସମସ୍ୟା ଭୁଲି ଯାଉଛନ୍ତି। ପୁଣି ନିର୍ବାଚନକୁ ନୂଆ ପ୍ରାର୍ଥୀ ଆସି ଭୋଟ ଭିକ୍ଷା କରୁଛନ୍ତି। ୱାର୍ଡର ସମସ୍ୟା ସୁଧୁରୁନି ବୋଲି ଭୋଟରମାନେ ଅଭିଯୋଗ କରି ଆସୁଛନ୍ତି। ଏପରିକି ଏ ନେଇ ପ୍ରାର୍ଥୀଙ୍କୁ ଅବଗତ କରାଇଥିବା କହିଛନ୍ତି।

## ଗୁରୁତରଙ୍କ ମୃତ୍ୟୁ, ସାଙ୍ଗସାଥୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

**ବିଦ୍ୟୁତ୍ ଖୁଣ୍ଟ ସହ ବାଇକ ଧକ୍କା ଘଟଣା**

ଓଡ଼ଗାଁ,୮।୩(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ନନ୍ଦିଘୋର ନେଳିଆ ଛକ ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ବାଇକ ଦୁର୍ଘଟଣାରେ ଗୁରୁତର ଥିବା ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ବିକାଶ କୁମାର ମହାପାତ୍ର ଓରଫ ହାପି(୨୪)। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ଖୋର୍ଦ୍ଧା ନିକଟରେ ତାଙ୍କ ମୃତ୍ୟୁ ଘଟିଥିବା ନେଇ ପୋଲିସ ସୂଚନା ଦେଇଛି। ସୋମବାର ଏହି ଦୁର୍ଘଟଣାରେ ସ୍ଥାନୀୟ ଏନଏସି ଅଳର ରଶ୍ମିରଞ୍ଜନ ଦୋରା(୨୪)ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ମାମଲା (ନଂ.୪୦/୨୨) ରୁଜୁ କରି ରଶ୍ମିରଞ୍ଜନଙ୍କ ମୃତଦେହ ସ୍ଥାନୀୟ ଡାକ୍ତରଖାନାରେ ଏବଂ ବିକାଶଙ୍କ ମୃତଦେହ ଖୋର୍ଦ୍ଧାରେ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି। ୨ ବନ୍ଧୁଙ୍କ ମୃତ୍ୟୁପରେ ଦୁଃଖରେ ସେମାନଙ୍କ ଅନ୍ୟ ବନ୍ଧୁମାନେ ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ସେହିପରି ବେପରୁଆ ବାଇକ ଚାଳନା ଯୋଗୁ ମଧ୍ୟାହ୍ନରେ ରୋହିବାଙ୍କ ନିକଟସ୍ଥ ନାଉଖାଲ ନିକଟରେ୨ ସମ୍ପର୍କୀୟ ଭ୍ରାଇଁ,ଶଳା ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ସନ୍ଧ୍ୟାରେ ଅନ୍ୟ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ନୟାଗଡ ସହରର ଦୁଇ ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

# ସମାଜରେ ଲିଙ୍ଗଗତ ସମାନତା ନିତାନ୍ତ ଜରୁରୀ



ଜିଲାପାଳ ପୋମା ଟୁଡୁ, ଅନ୍ୟ ଅଧିକାରୀମାନଙ୍କ ଗହଣରେ ପିଲାମାନେ।

**ଅନ୍ତର୍ଜାତୀୟ ମହିଳା ଦିବସ**

ନୟାଗଡ଼ ଅଫିସ,୮।୩

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତା କରି କହିଛନ୍ତି, ସମାଜରେ ଲିଙ୍ଗଗତ ସମାନତା ନିତାନ୍ତ ଜରୁରୀ। ଏହା ନ ରହିଲେ ଭବିଷ୍ୟତରେ ଆମ ସମାଜରେ ଶୃଙ୍ଖଳା ରହିବ ନାହିଁ। ପିଏନ୍‌ଡିଟି ଆକ୍ଟକୁ କଡ଼ାକଡ଼ି ଭାବେ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ନାରୀ ବିନା ସମାଜରେ ସୃଷ୍ଟି ଅସମ୍ଭବ। ତେଣୁ ନାରୀମାନଙ୍କୁ ନଗଣ୍ୟ ମନେ କରିବା ଅନୁଚିତ୍। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଉପେନ୍ଦ୍ରନାଥ ବଡ଼ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଶିକ୍ଷାବିତ ପ୍ରିୟମ୍ବଦା ଦାସ, ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ଉଷା ପଟ୍ଟନାୟକ, ଜେଣ୍ଡର କୋଡିନେଟର ଶ୍ରାବଣୀ ନନ୍ଦ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବ୍ରହ୍ମୋତ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛୋଟ ଛୋଟ ବାଳିକାମାନେ ନାଟକ ଏବଂ ଏକକ ଅଭିନୟ ମାଧ୍ୟମରେ ବାଲ୍ୟ ବିବାହ ବିରୋଧରେ ସମାଜକୁ ସଚେତନ କରାଇଥିଲେ। ଶେଷରେ ଶ୍ରେଷ୍ଠ ସୁପରଭାଇଜର ଭାବେ ଗୀତାଞ୍ଜଳି ରାଉତରାୟ, ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଭାବେ ସଙ୍ଗିତା ଦାସଙ୍କୁ ପୁରସ୍କୃତ କରାଯାଇ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ମା' ସନ୍ତୋଷୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦଶପଲ୍ଲା, ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓଡ଼ଗାଁ ଏବଂ ମା' ସନ୍ତୋଷୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନୂଆଗାଁଙ୍କୁ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ଚୟନ କରାଯାଇ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିଭଳି ରୋଟାରୀ କ୍ଲବ ଓ ୟୁନିଟେକ କଲେଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟ ଅତିଥି ରୂପେ ସହକାରୀ କୃଷି ଅଧିକାରୀ ମୁକ୍ତିଲିନା ମୋନିକା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ରୋଟାରୀ କ୍ଲବ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ଇନରହୁଇଲ କ୍ଲବର ସଭାପତି ସ୍ମିତା ସ୍ୱାଇଁ ଯୋଗ ଦେଇ ନାରୀ ସଶକ୍ତୀକରଣ ଉପରେ ଟିପ୍ପଣି ରଖିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନେଇ ଏକ ତର୍କ ପ୍ରତିଯୋଗିତା ହୋଇଥିଲା। ସେହିପରି ଛାତ୍ରୀ ସମୂହଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ର ଓ ମହିଳା ଦିବସ ଉପରେ ବାର୍ତ୍ତା ପ୍ରେରଣାର ଉତ୍ସ ଥିଲା। ଅପରପକ୍ଷେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନୟାଗଡ଼ର ଗରିବ ଖଟିଖିଆ ଲୋକମାନଙ୍କୁ କେତେଜଣ ସ୍ୱେଚ୍ଛାସେବୀ ଶାଢ଼ି ବଣ୍ଟନ କରିଥିଲେ। ଏଥିରେ ବରିଷ୍ଠ ନାଗରିକ ପ୍ରଦୀପ୍ତ ପଟ୍ଟନାୟକ, ସାମାଜିକ କର୍ମୀ ଦାମୋଦର ସାହୁ, ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ନୟାଗଡ଼ ଅଫିସ,୮।୩

ନାଟ୍ୟଧାରା ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଦୀର୍ଘ ୮ ଦିନ ଧରି ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ 'ନିଧିବାବୁ ଘରେ ଅଛ ?' ନାଟକ ଅନୁଷ୍ଠିତ ହୋଇଥିଲା। ଚମତ୍କାର ନାଟ୍ୟ ଆନୁଷ୍ଠାନ ନୟାଗଡ଼ ପକ୍ଷରୁ ପରିବେଷିତ ଏହି ସାମାଜିକ ନାଟକଟିକୁ ନାଟ୍ୟକାର ବିଜୟ କୁମାର ମିଶ୍ର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ। ଏଥିରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ରିଙ୍କୁ, ବିଟୁ, ବାପି, ବାପୁ, ଲକି, ପ୍ରଦୀପ, ସିଂବାବୁ, ଖଟୁଆ, ନିଶିକାନ୍ତ, ଟୁନା, ମୀରା, ଟିଙ୍କିଲି ଏବଂ ଶିଶୁ କଳାକାର ଦେବାଂଶୀ। ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅତିଥି ଭାବେ ରାଜା ରାମେଶ୍ୱର ପ୍ରସାଦ ସିଂ ମାନଧାତା ଯୋଗଦାନ କରିଥିବା ବେଳେ ଅତିଥି ଭାବେ ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନିର୍ଦ୍ଦେଶକ ଡ. ବିଜୟ ଚୌଧୁରୀ ଯୋଗ ଦେଇଥିଲେ। ଏହି ଅବସରରେ ବର୍ଷୀୟାନ ଦଣ୍ଡନାଟ ଗୁରୁ ସଦାଶିବ ଦାସ ଏବଂ ଭୁବନ ଚିତ୍ରାଳୟ ପ୍ରତିଷ୍ଠାତା ଭୁବନେଶ୍ୱର ପରିଡ଼ାଙ୍କୁ ନାଟ୍ୟଧାରା ପକ୍ଷରୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି।



ନିଧିବାବୁ ଘରେ ଅଛ ?' ନାଟକର ଏକ ଦୃଶ୍ୟ।

## କ୍ରିକେଟ୍: ବୈଶାଳୀ, ଟାଇଗର ପ୍ରାଇଡ୍ ଦଳ ବିଜୟୀ

ଦଶପଲ୍ଲା,୮।୩ (ଡି.ଏନ.ଏ.)

ଦଶପଲ୍ଲା ପ୍ରିମିୟର ଲିଗ୍‌ର ମଙ୍ଗଳବାର ୬ଷ୍ଠ ଦିବସରେ ୨ ଗୋଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ବୈଶାଳୀ ଜାଗୁଆର୍ ସହ ମହାବୀର ମଲଟି ଜିମ୍ ଦଳର ହୋଇଥିଲା। ମହାବୀର ମଲଟି ଜିମ୍ ଦଳ ୧୫ ଓଭରରେ ୮୦ରନ୍ କରିଥିଲା। ଜବାବରେ ବୈଶାଳୀ ୭.୦୩ ଓଭରରେ ୪ ଉଇକେଟ୍ ହରାଇ ୮୧ରନ୍ କରି ବିଜୟୀ ହୋଇଥିଲା। ଜଗନ୍‌କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ଲାକ୍ ହାଟସ ସହ ଟାଇଗର ପ୍ରାଇଡ୍‌ର ହୋଇଥିଲା। ଟାଇଗର ପ୍ରାଇଡ୍ ଦଳ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୨୨ରନ୍ କରିଥିବାବେଳେ ବ୍ଲାକ୍ ହାଟସ୍ ନିର୍ଦ୍ଧାରିତ ଓଭରରେ ମାତ୍ର ୧୧୧ ରନ୍ କରି ପରାଜୟ ବରଣ କରିଥିଲା।

## ବିଶ୍ୱ ମହିଳା ଦିବସ ପାଳିତ

ଦଶପଲ୍ଲା,୮।୩ (ଡି.ଏନ.ଏ.)

ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ପରିସରରୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ନାରୀନେତ୍ରୀ ଜୟନ୍ତୀ ଦାସ ସଭାପତିତ୍ୱ କରିଥିଲେ। ଆଇନଜୀବୀ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସମାଜିକ କର୍ମୀ ପ୍ରଭାତ କୁମାର ସାହୁ ମୁଖ୍ୟ ବକ୍ତା, କୁମାରୀ ରୋଜାଲିନ ସାହୁ ସମ୍ମାନିତ ବକ୍ତା ଓ ନାରୀନେତ୍ରୀ ବାସନ୍ତୀ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ସମସ୍ୟା ଉପରେ ଆଲୋଚନା କରିଲେ। ନାରୀ ମାନେ ନିଜ ଅଧିକାର ସାବ୍ୟସ୍ତ କରିବାର ସଂଗ୍ରାମକୁ ଅଗ୍ରିନେବା ପାଇଁ ଆହ୍ୱାନ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସୁଶାନ୍ତ ନାୟକ ଓ କଳାକାର ସଂଘର ସଭାପତି ବନମାଳୀ ରଣା ସହଯୋଗ କରିଥିଲେ। ଶେଷରେ ମହିଳା ନିର୍ଯାତନା ଉପରେ ଏକ ଏକାଙ୍କିକା ଅଭିନିତ ହୋଇଥିଲା।

## ପୌର ନିର୍ବାଚନର ସମୀକ୍ଷା କଲେ ସାଧାରଣ ପର୍ଯ୍ୟବେକ୍ଷକ

ନୟାଗଡ଼ ଅଫିସ,୮।୩

ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନୟାଗଡ଼ ଜିଲାକୁ ଆସି ପୌର ନିର୍ବାଚନର ସମୀକ୍ଷା ମଙ୍ଗଳବାର କରିଛନ୍ତି। ପୂର୍ବାହ୍ନରେ ନୟାଗଡ଼ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ସହ ପୌର ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପ ଜିଲାପାଳ ଲଗ୍ନଜିତ ରାଉତ, ଡେପୁଟୀ କଲେକ୍ଟର(ନିର୍ବାଚନ) ଆୟୁଷୀ ମହାପାତ୍ର, ଦଶପଲ୍ଲା ଏବଂ ରଣପୁରର ନିର୍ବାଚନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାର୍ଥୀମାନେ କୋଭିଡ୍ କଟକଣା ଓ ନିର୍ବାଚନ ଆଚରଣ ବିଧି ଠିକ୍ ଭାବେ ପାଳନ କରିବା, ଶାନ୍ତି ଶୃଙ୍ଖଳା ସହିତ ସେମାନଙ୍କ ପ୍ରଚାର କାର୍ଯ୍ୟକ୍ରମ ଯେପରି କରିବେ ସେଥିପ୍ରତି ଜିଲା ପ୍ରଶାସନ ତଥା ପୋଲିସ ପ୍ରଶାସନ ସତର୍କ ଦୃଷ୍ଟି ରଖିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।



ନିର୍ବାଚନୀ ସମୀକ୍ଷା ବୈଠକରେ ପ୍ରଶାସନିକ ଅଧିକାରୀମାନେ।

# ଇଟା ପୋଡ଼ା ପାଇଁ ଜଙ୍ଗଲ ପଦା

ନୂଆଗାଁ, ୮।୩ (ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ସମ୍ପୂର୍ଣ୍ଣ ଉଜୁଡିବାକୁ ବସିଲାଣି। କେତେବେଳେ କାଠ ମାଫିଆ ମୂଲ୍ୟବାନ ଗଛକୁ କାଟି ଗାଡ଼ିରେ ବୋହି ନେଉଛନ୍ତି ତ ଆଉ କେତେବେଳେ ଇଟା ପୋଡ଼ିବା ପାଇଁ ଶହଶହ ମୂଲ୍ୟବାନ ଗଛକୁ କାଟି ଆଣୁଛନ୍ତି ଇଟାଭାଟି ବେପାରୀ। ଫଳରେ ବିସ୍ତୃତ ଜଙ୍ଗଲ ପଦା ହେବାରେ ଲାଗିଛି। ଏଭଳି ଦେଖିବାକୁ ମିଳିଛି ମହିପୁର ବନାଞ୍ଚଳ ମହିପୁର ସେକ୍ସନର ପାଲଭା ଜଙ୍ଗଲ ତଥା ଲୋକମାନଙ୍କ ତଥାକଥିତ ବ୍ରାହ୍ମଣୀଦେବୀ ଜଙ୍ଗଲ।

ଉଜୁଡି ଯାଇଥିବା ଜଙ୍ଗଲ, ଲଣ୍ଡା ପାହାଡ଼, ପଡ଼ିଆ ଥିବା ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରିବା, ପୁରାତନ ଓ ନୂତନ ଜଙ୍ଗଲର ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେବା ସହ ଅତ୍ୟାବଶ୍ୟକ ସ୍ଥଳେ ଅଧିକ କର୍ମଚାରୀ ନିୟୋଜନ ପାଇଁ ନିର୍ଦ୍ଦେଶ ଓ ଅନୁଦାନ ମଧ ମିଳୁଛି। କିନ୍ତୁ ଏତେ ସବୁ ପରେ ବି ବନ ବିଭାଗ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଭିଯୋଗ



ପୋଡା ଯାଇଥିବା ଇଟାଭାଟି।



ଇଟା ପାଇଁ ଜଙ୍ଗଲରୁ କଟାଯାଇଥିବା ଗଛ।

ହେଉଛି। ବଡ ବଡ ଗଛ କାଟି ଜିଲା ତଥା ଜିଲା ବାହାରକୁ କାଠ ଚୋରା ଚାଲାଣକୁ ରୋକିବାରେ ବନ ବିଭାଗ ବିଫଳ ହେଉଛି। ଅନ୍ୟପକ୍ଷେ ଇଟା ପୋଡିବା ପାଇଁ ଲୋକମାନେ ଜଙ୍ଗଲରୁ ଗଛ କାଟି ଆଣି ପଦା କରି ଦେଉଥିବା ବେଳେ ତାହାକୁ ରୋକିବାରେ ମଧ ବିଭାଗ ହାତ ଟେକି ଦେଉଛି। ଜଙ୍ଗଲ ସୁରକ୍ଷା ଓ ପରିବେଶ ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟରେ ସରକାର ମାଟି ଇଟା ଉପରେ ରୋକ ଲଗାଇଛନ୍ତି। କିନ୍ତୁ କେତେଜଣ ବ୍ୟକ୍ତି ଅସାଧୁ ଉପାୟ ଆପଣାଇ ଅଧିକ ରୋଜଗାର ପାଇଁ ସରକାରୀ

**ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି ବନ ବିଭାଗ**

କର୍ମଚାରୀଙ୍କୁ ହାତ କରି ଆଇନ୍‌କାନୁନକୁ ଦଳିଚକଟି ମାଟି ଇଟା ବେପାରୀଙ୍କୁ ସହଯୋଗ କରୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ଦିନ ଦ୍ୱିପ୍ରହରରେ କାହାରିକୁ ଖାତିର ନ କରି ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ଚାଲିଛନ୍ତି। ଗୋଟିଏ ପଟେ ଅସାଧୁ ସରକାରୀ କର୍ମଚାରୀ ଓ ଇଟା ବେପାରୀ ଲାଭବାନ ହେଉଥିବା ବେଳେ ଅନ୍ୟପକ୍ଷେ ଜଙ୍ଗଲ ଉଜୁଡୁଛି। ଇଟା ଭାଟି ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଲୋକମାନେ ନିଃଶ୍ୱାସ ଓ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି। ଖରାଦିନରେ ଇଟାଭାଟି ଜଳିବା ଦ୍ୱାରା ଗରମ ବଢ଼ିବାରେ ଲାଗିଛି। ଇଟା ପୋଡା କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଶ୍ରମିକଙ୍କୁ ପଚାରିବାରେ, ଇଟା ପୋଡିବା ପୂର୍ବରୁ ବନ ବିଭାଗ, ରାଜସ୍ୱ ବିଭାଗ କର୍ମଚାରୀଙ୍କ କଥା ବୁଝିଥାଉ ବୋଲି କହିଛନ୍ତି। ଏ ସମ୍ପର୍କରେ ଡମୁଣି ଫରେଷ୍ଟଗାର୍ଡ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ ଇଟାଭାଟି ପୋଡା ଯାଉଥିବା ଖବରପାଇ ଘଟଣାସ୍ଥଳରୁ ଅଳ୍ପ କାଠ ଜବତ କରିଥିବା କହିଛନ୍ତି। ମହିପୁର ବନପାଳ ବବୁଲ କୁମାର ସାହୁଙ୍କୁ ପଚାରିବାରେ ଜଙ୍ଗଲରୁ କାଠ ଆଣି ଇଟା ପୋଡିବା ବାବଦରେ କୌଣସି ଖବର ଆମ ପାଖରେ ନାହିଁ ବୋଲି ସେ କହିଛନ୍ତି। ଜଙ୍ଗଲକୁ ସୁରକ୍ଷା ଦେବାରେ ମହିପୁର ବନ ବିଭାଗ ଅସମର୍ଥ ବାବଦରେ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରେ ଜଙ୍ଗଲ ସୁରକ୍ଷା ପାଇଁ ଯଥାସାଧ ଚେଷ୍ଟା କରୁଛୁ। ବେଆଇନ ଭାବେ କାଠ ଆଣି ପୋଡା ଯାଇଥିବା ଇଟାକୁ ଜବତ କରାଯିବ ବୋଲି ସେ କହିଛନ୍ତି।

